ମେସର୍ସ ସନ୍ତ ରାମ ଏବଂ କମ୍ପାନୀ

ବନାମ

ରାଜସ୍ଥାନ ରାଜ୍ୟ ଏବଂ ଅନ୍ୟମାନେ

ନଭେମ୍ବର 20,1996

[କେ. ରାମସ୍ୱାମୀ, ଜି.ଟି. ନାନାବତୀ ଏବଂ
କେ.ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିବୃନ୍ଦ]

*ଦେୱାନୀ କାର୍ଯ୍ୟବିଧି ସଂହିତା 1908/ମଧ୍ୟସ୍ଥତା ଅଧିନିୟମ, 1940:*

*ଆଦେଶ XXXIX ନିୟମ 1/ଧାରା 41 (b) ଏବଂ ଦ୍ୱିତୀୟ ଅନୁସୂଚୀ—ମଧ୍ୟବର୍ତ୍ତୀକାଳୀନ ନିଷେଧାଜ୍ଞା ପାଇଁ ଆବେଦନ—ଅପୋଷ ବୁଝାମଣା ଚୁକ୍ତିନାମା ଦ୍ୱାରା ମଧ୍ୟସ୍ଥିଙ୍କ ନିକଟକୁ ପଠାଯାଇଥିବା ବିବାଦ—ବିଚାରାଧୀନ ମଧ୍ୟସ୍ଥତା ଉତ୍ତରଦାତା ଅନ୍ୟ ଏକ ଚୁକ୍ତିନାମାରେ ଅପିଲକାରୀଙ୍କ ଯୋଗୁଁ ଅର୍ଥରାଶି ସମାଯୋଜନ କରିବାକୁ ଚାହୁଁଥିଲେ—ଉକ୍ତ ରାଶିକୁ ସମାଯୋଜନରୁ ଉତ୍ତରଦାତାଙ୍କୁ ନିବୃତ୍ତ କରିବାକୁ ଅପିଲକାରୀଙ୍କ ଦ୍ୱାରା ମଧ୍ୟବର୍ତ୍ତୀକାଳୀନ ନିଷେଧାଜ୍ଞା ପାଇଁ ଆବେଦନ କରାଯାଇଛି—ଜିଲ୍ଲା ବିଚାରପତି ଏବଂ ଉଚ୍ଚ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଆବେଦନ ସ୍ୱୀକାର ଯୋଗ୍ୟ ନୁହେଁ—ଦର୍ଶାଯାଇଛି, ଚୁକ୍ତିନାମା ଅଧୀନରେ ଅପିଲକାରୀ ବିବାଦ କିମ୍ବା ଉତ୍ତରଦାତାଙ୍କ ସହିତ ଅନ୍ୟ କୌଣସି ଚୁକ୍ତିନାମା ଅନୁଯାୟୀ ଦାବି ସମ୍ବନ୍ଧରେ ଉତ୍ତରଦାତାଙ୍କ ସହିତ ବିଚାରାଧୀନ ରାଶିର ସମାଯୋଜନ ପାଇଁ ସ୍ପଷ୍ଟ ଭାବରେ ରାଜି ହୋଇଥିଲେ—ଯୋଗ୍ୟତା କିମ୍ବା ଆଇନର ନୀତି ଆଧାରରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ହୋଇଥିବା ଆଦେଶରେ  ହସ୍ତକ୍ଷେପ କରିବାରେ କୌଣସି ବେଆଇନତା ନାହିଁ ।*

*କମଲୁଦ୍ଦିନ୍ ଅନସାରି ଏବଂ କୋ. ବନାମ ଭାରତ ସଂଘ **[1983] SCR 607, ଉପରେ ନିର୍ଭର କରିଥିଲେ ।***

*ଭାରତ ସଂଘ ବନାମ ରାମ ଲୁହା ଢଳେଇ କାରଖାନା, **[1974] 3 SCR 556,ର ନିର୍ଣ୍ଣୟ ଆଉ ବୈଧ ନୁହେଁ, କାରଣ ଏହା [1983] 3 SCC 607 ରେ ଅଗ୍ରାହ୍ୟ ହୋଇଯାଇଥିଲା ।***

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 78/1991 ।

ସି.ଆର୍. ସଂଖ୍ୟା  293/1990 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କର 7.8.90 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏ. ବି. ରୋହତଗୀ, ସୁଶ୍ରୀ ଇନ୍ଦୁ ମଲହୋତ୍ରା ଏବଂ ସୁଶ୍ରୀ କବିତା ୱାଦିଆ ।

ଉତ୍ତରଦାତାମାନଙ୍କ ପାଇଁ ଅରୁଣେଶ୍ୱର ଗୁପ୍ତା, ମନୋଜ କୁମାର ଦାସ  ଏବଂ ମନୀଷ ଗର୍ଗ ।

ଉଚ୍ଚ ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ଦେୱାନୀ ପୁନଃରୀକ୍ଷଣ ଆବେଦନ ସଂଖ୍ୟା 293/90 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କର ଏକକ ବିଚାରପତିଙ୍କ ଦ୍ୱାରା 7 ଅଗଷ୍ଟ ,1990 ତାରିଖରେ ପ୍ରଦାନ କରାଯାଇଥିବା ଆଦେଶରୁ ଉତ୍ପନ୍ନ ହୋଇଛି ।

ସ୍ୱୀକାରଯୋଗ୍ୟ ସ୍ଥିତି ହେଉଛି ଯେ, ଅପିଲକାରୀ ଶ୍ରୀଯୁକ୍ତ ଗଙ୍ଗାନଗର ବିକାନେରରେ ଥିବା ଗାଗର ବିଭାଗ ସେତୁର ଚଉଡ଼ା କାର୍ଯ୍ୟ ନିଷ୍ପାଦନ ପାଇଁ ଉତ୍ତରଦାତା-ରାଜ୍ୟ ସହିତ ଏକ ଚୁକ୍ତିନାମା କରିଥିଲେ । ଚୁକ୍ତିନାମା ଅନୁଯାୟୀ, ପକ୍ଷମାନଙ୍କ ମଧ୍ୟରେ ଉପୁଜିଥିବା ଏକ ବିବାଦ ଅନୁଯାୟୀ, ପାରସ୍ପରିକ ରାଜିନାମା ଦ୍ୱାରା ମାମଲାଟି ଶ୍ରୀ କେ.ଏଲ୍. ସେଠିଆ ନାମକ ମଧ୍ୟସ୍ଥିଙ୍କ ନିକଟକୁ ପଠାଯାଇଥିଲା । ମଧ୍ୟସ୍ଥତା  ବିଚାରାଧୀନ ଥିବାରୁ, ଉତ୍ତରଦାତା ଅନ୍ୟ ଏକ ଚୁକ୍ତିନାମାରେ ଅପିଲକାରୀଙ୍କୁ ଦେବାକୁ ଥିବା ରାଶିକୁ ସମାଯୋଜନ କରିବାକୁ ଚାହୁଁଥିଲେ । ଏହା ପରେ ଅପିଲକାରୀ, ଏହାକୁ ସମାଯୋଜନ କରିବାରୁ ଉତ୍ତରଦାତାଙ୍କୁ ବାରଣ କରିବାକୁ ମଧ୍ୟକାଳୀନ ନିଷେଧାଜ୍ଞା ପାଇଁ ମଧ୍ୟସ୍ଥତା ଅଧିନିୟମର ଧାରା 41 (b) ଏବଂ ମଧ୍ୟସ୍ଥତା ଅଧିନିୟମ, 1940 ର ଦ୍ୱିତୀୟ ଅନୁସୂଚୀ ସହିତ ଦେୱାନୀ କାର୍ଯ୍ୟବିଧି ସଂହିତା, 1908 ଆଦେଶ XXXIX ନିୟମ 1 ଅଧୀନରେ ଜିଲ୍ଲା ନ୍ୟାୟାଳୟଙ୍କ ସମ୍ମୁଖରେ ଏହି ଆବେଦନ ଦାଖଲ କରିଥିଲେ । ଜିଲ୍ଲା ବିଚାରପତି ତାଙ୍କ ଆଦେଶ ଦ୍ୱାରା ଦର୍ଶାଇଛନ୍ତି ଯେ, ନ୍ୟାୟାଳୟଙ୍କର ହସ୍ତକ୍ଷେପ ବିନା ଏପରି ଏକ ଆବେଦନ ଗ୍ରହଣୀୟ ନୁହେଁ; ତେଣୁ, ଧାରା 41 (b) ଏବଂ ଦ୍ୱିତୀୟ ଅନୁସୂଚୀର କୌଣସି ପ୍ରୟୋଗ ନାହିଁ । ବିଜ୍ଞ ମୁଖ୍ୟ ନ୍ୟାୟଧୀଶଙ୍କ ଦ୍ୱାରା ଆକ୍ଷେପିତ ଆଦେଶରେ ଏହାକୁ ସମର୍ଥନ କରିଥିଲେ । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ଅପିଲକାରୀଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀଯୁକ୍ତ ଏ.ବି. ରୋହତଗୀ ଯୁକ୍ତି ଦର୍ଶାଇଛନ୍ତି ଯେ, ଦ୍ୱିତୀୟ ଅନୁସୂଚୀ ସହିତ ଧାରା 41 (b) ଅଧୀନରେ ଏକ ଆବେଦନକୁ ଗ୍ରହଣ କରିବା ପାଇଁ ଏହା ଏକ ସର୍ତ୍ତ ନୁହେଁ ଯେ, ମଧ୍ୟସ୍ଥତା କାର୍ଯ୍ୟବିଧି ନ୍ୟାୟାଳୟଙ୍କର ହସ୍ତକ୍ଷେପ ମାଧ୍ୟମରେ ବିଚାରାଧୀନ ରହିବା ଉଚିତ । ସ୍ୱାଧୀନ ଭାବରେ, ଯେତେବେଳେ ଦାବି କରିବା କିମ୍ବା ପ୍ରତି-ଦାବି କରିବା ସମ୍ବନ୍ଧରେ ପକ୍ଷମାନଙ୍କ ମଧ୍ୟରେ ମଧ୍ୟସ୍ଥତା କାର୍ଯ୍ୟବିଧି ବିଚାରାଧୀନ ଥିଲା ଏବଂ ଯେତେବେଳେ ଉତ୍ତରଦାତା ଅନ୍ୟ ଚୁକ୍ତିନାମାରୁ ବକେୟା ରାଶି ସହିତ ଏହାକୁ ସମାଯୋଜନ କରିବାକୁ ଚାହୁଁଥିଲେ, ସେତେବେଳେ ନ୍ୟାୟାଳୟ ଏହି ପରିସ୍ଥିତିରେ, ହସ୍ତକ୍ଷେପ କରିବେ ଏବଂ ଉତ୍ତରଦାତାମାନଙ୍କୁ ପ୍ରତି-ଦାବି ଭାବରେ ଏହାକୁ ସମାଯୋଜନ କରିବାରୁ ଅବରୋଧ କରିବେ । ଅନ୍ୟଥା, ମଧ୍ୟସ୍ଥତା କାର୍ଯ୍ୟବିଧି ବାତିଲ ହୋଇଯିବ । ସେ *ଭାରତ ସଂଘ ବନାମ ରମଣ ଲୌହ ଢଳେଇ କାରଖାନା,* [1974] 3 SCR 556 ମାମଲାରେ ଏହି ନ୍ୟାୟାଳୟଙ୍କର ଦୁଇ ଜଣିଆ ବିଚାରପତିଙ୍କ ଖଣ୍ଡପୀଠଙ୍କ ରାୟ ଉପରେ ଦୃଢ଼ ନିର୍ଭର କରିଥିଲେ । ପ୍ରଶ୍ନଟି ଏବେ ନୂତନ କିମ୍ବା ଅନିର୍ଣ୍ଣିତ ନୁହେଁ । *କଲାଲୁଦ୍ଦିନ୍ ଅନସାରୀ ଏବଂ କମ୍ପାନୀ ବନାମ ଭାରତ ସଂଘ,* [1983] 3 SCR 607 ରେ ଏହି ନ୍ୟାୟାଳୟଙ୍କର ତିନି ଜଣିଆ ବିଚାରପତିଙ୍କ ଏକ ବିଚାରପୀଠ, ଧାରା 41 (b) ଏବଂ ଦ୍ୱିତୀୟ ଅନୁସୂଚୀର ପରିସରକୁ ବିଚାର କରିଛନ୍ତି ଏବଂ ଏହିପରି ଦର୍ଶାଇଛନ୍ତି :

"ଏହି ଅପିଲରେ ବିଚାର ପାଇଁ ପ୍ରଥମ ପ୍ରଶ୍ନ ହେଉଛି ଧାରା 41 ର ସଠିକ ପରିସର ଏବଂ ଅବକାଶ ବିଷୟରେ ଯାହା ଅପିଲକାରୀଙ୍କ ତରଫରୁ ଉଠାଯାଇଥିବା ଯୁକ୍ତିକୁ ତର୍ଜମା କରିବା ସମ୍ଭବ :

"41.ନ୍ୟାୟାଳୟ ପ୍ରକ୍ରିୟା ଏବଂ କ୍ଷମତା : ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକ ଏବଂ ଏହା ଅଧୀନରେ ପ୍ରସ୍ତୁତ ନିୟମାବଳୀ ଅନୁଯାୟୀ

(a) ଦେୱାନୀ କାର୍ଯ୍ୟବିଧି ସଂହିତା 1908ର ବ୍ୟବସ୍ଥାଗୁଡ଼ିକ ନ୍ୟାୟାଳୟଙ୍କ ସମ୍ମୁଖରେ ସମସ୍ତ କାର୍ଯ୍ୟବିଧି  ଏବଂ ଏହି ଅଧିନିୟମ ଅଧୀନରେ ସମସ୍ତ ଅପିଲ ପାଇଁ ଲାଗୁ ହେବ; ଏବଂ

(b) ମଧ୍ୟସ୍ଥତା କାର୍ଯ୍ୟବିଧିର ଉଦ୍ଦେଶ୍ୟ ପାଇଁ ଏବଂ ସମ୍ବନ୍ଧରେ, ଦ୍ୱିତୀୟ ଅନୁସୂଚୀରେ ନିର୍ଦ୍ଧାରିତ କୌଣସି ବିଷୟ ସମ୍ବନ୍ଧରେ ଆଦେଶ ଦେବାର ସମାନ କ୍ଷମତା ରହିବ ଯେପରି ନ୍ୟାୟାଳୟଙ୍କ ସମ୍ମୁଖରେ କୌଣସି କାର୍ଯ୍ୟବିଧି ଉଦ୍ଦେଶ୍ୟ ପାଇଁ ଏବଂ ସମ୍ବନ୍ଧରେ ରହିବ :-

ପରନ୍ତୁ, ଖଣ୍ଡ (b) ରେ ଥିବା କୌଣସି ବିଷୟ ଏପରି କୌଣସି ବିଷୟ ସମ୍ବନ୍ଧରେ ଆଦେଶ ଦେବା ପାଇଁ ଜଣେ ମଧ୍ୟସ୍ଥି କିମ୍ବା  ନିର୍ଣ୍ଣାୟକଙ୍କ ନିକଟରେ ନ୍ୟସ୍ତ ହୋଇଥିବା କୌଣସି କ୍ଷମତାକୁ ପ୍ରତିକୂଳ ପ୍ରଭାବ  ପକାଇବା ପାଇଁ ଗ୍ରହଣ କରାଯିବ ।"

ଧାରା 41ର ଖଣ୍ଡ (b) କୁ ଦୃଷ୍ଟିରେ ରଖି ନ୍ୟାୟାଳୟଙ୍କ ସମ୍ମୁଖରେ କୌଣସି କାର୍ଯ୍ୟବିଧିର ଉଦ୍ଦେଶ୍ୟ ଏବଂ ସମ୍ବନ୍ଧରେ ଦ୍ୱିତୀୟ ଅନୁସୂଚୀରେ ନିର୍ଦ୍ଧାରିତ କୌଣସି ବିଷୟ ସମ୍ବନ୍ଧରେ ଆଦେଶ ପାରିତ କରିବାର କ୍ଷମତା ନ୍ୟାୟାଳୟକୁ ଦିଆଯାଇଛି ।ମଧ୍ୟସ୍ଥତା ଅଧିନିୟମର ଦ୍ୱିତୀୟ ଅନୁସୂଚୀରେ ଅନ୍ୟାନ୍ୟ ବିଷୟ ମଧ୍ୟରେ 'ମଧ୍ୟବର୍ତ୍ତୀକାଳୀନ ନିଷେଧାଜ୍ଞା' ଏବଂ 'ତତ୍ତ୍ୱାବଧାରକଙ୍କ ନିଯୁକ୍ତି' ଅନ୍ତର୍ଭୁକ୍ତ ଅଟେ ।

ସେହି ମାମଲାରେ, ମଧ୍ୟସ୍ଥତା ଅଧିନିୟମର ଧାରା 33 ଅଧୀନରେ ଏକ ଆବେଦନ ଦାଖଲ କରିବାକୁ ଆସିଥିଲେ ଏବଂ ତା'ପରେ ମଧ୍ୟବର୍ତ୍ତୀକାଳୀନ ନିଷେଧାଜ୍ଞା ପାଇଁ ଏକ ଆବେଦନ ଦାଖଲ କରାଯାଇଥିଲା । ତେଣୁ, ଏହା ସ୍ପଷ୍ଟ ହେବ ଯେ, ଦେୱାନୀ କାର୍ଯ୍ୟବିଧି ସଂହିତାର ବ୍ୟବସ୍ଥା ଅନୁଯାୟୀ ପ୍ରତିକାରର ଲାଭ ଉଠାଇବା ପାଇଁ, ଯେତେବେଳେ ଅନୁସୂଚୀ ସହିତ ପଠିତ ଧାରା 41 (b) ଅନୁଯାୟୀ ନିଷେଧାଜ୍ଞା ପାଇଁ ଏକ ଆବେଦନ ଦାଖଲ କରାଯାଏ, ସେତେବେଳେ ନ୍ୟାୟାଳୟ ପ୍ରକ୍ରିୟା ମାଧ୍ୟମରେ ଲାଭ ଉଠାଇଥିବା ମଧ୍ୟସ୍ଥତା କାର୍ଯ୍ୟବିଧିର ଉଦ୍ଦେଶ୍ୟ ଏବଂ ସମ୍ବନ୍ଧରେ ବିଚାରାଧୀନ କାର୍ଯ୍ୟବିଧି, ଦ୍ୱିତୀୟ ଅନୁସୂଚୀରେ ନିର୍ଦ୍ଧାରିତ କୌଣସି ବିଷୟ ସମ୍ବନ୍ଧରେ ନିଷିଦ୍ଧାଦେଶ ଦେବାର ସମାନ କ୍ଷମତା ରହିବ ଯେପରି ଏହା ନ୍ୟାୟାଳୟଙ୍କ ସମ୍ମୁଖରେ କୌଣସି କାର୍ଯ୍ୟବିଧିର ଉଦ୍ଦେଶ୍ୟ ଏବଂ ସମ୍ବନ୍ଧରେ ରହିଛି । ତେଣୁ ମଧ୍ୟସ୍ଥତା କାର୍ଯ୍ୟବିଧି ସମ୍ବନ୍ଧରେ ନ୍ୟାୟାଳୟରେ କୌଣସି କାର୍ଯ୍ୟବିଧିର ବିଚାରଧୀନତା ଆରମ୍ଭ  କରିବା ଅଧିନିୟମର ଦ୍ୱିତୀୟ ଅନୁସୂଚୀ ଅନୁଯାୟୀ ଦେୱାନୀ ନ୍ୟାୟାଳୟଙ୍କ ଦ୍ୱାରା କ୍ଷମତାର ପ୍ରୟୋଗ ପାଇଁ ଏକ ପୂର୍ବ ସର୍ତ୍ତ ହେବ ।

ଗୁଣବତ୍ତା ଆଧାରରେ, ଏହି ନ୍ୟାୟାଳୟ ସମାନ ପରିସ୍ଥିତିରେ ଦର୍ଶାଇଥିଲେ ଯେ, ଏପରି ଏକ ନିଷେଧାଜ୍ଞା ମଞ୍ଜୁର କରାଯାଇପାରିବ ନାହିଁ କାରଣ ଏହା ଏକ ସୁବିଧା ପ୍ରଦାନ କରିବା ସହିତ ସମାନ, ଯାହା ଅଧିନିୟମର ଅନୁସୂଚୀ ସହିତ ପଠାଯାଇଥିବା ଧାରା 41 (b) ଅନୁଯାୟୀ ଆବଶ୍ୟକ ନୁହେଁ । ଏହି ନ୍ୟାୟାଳୟ ନିମ୍ନମତେ ଏକ ନିଷ୍କର୍ଷ ନଥିଭୁକ୍ତ କରିଥିଲେ :

> "ଆମର ସ୍ପଷ୍ଟ ମତ ହେଉଛି ଯେ, ଠିକାଦାରଙ୍କୁ ଅନ୍ୟାନ୍ୟ ବିଚାରାଧୀନ ମୂଲ୍ୟପତ୍ର ଅଧୀନରେ ବକେୟା ରାଶି ଅଟକାଇବାରେ ଉତ୍ତରଦାତାମାନଙ୍କୁ ବାରଣ କରୁଥିବା ଏକ ନିଷେଧାଜ୍ଞା ଆଦେଶ ପ୍ରକୃତରେ ଠିକାଦାର-ଅପିଲକାରୀଙ୍କୁ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସହିତ ସମାନ ଅଟେ । ଏପରି ଏକ ଆଦେଶ ସ୍ପଷ୍ଟ ଭାବରେ ମଧ୍ୟସ୍ଥତା ଅଧିନିୟମର ଧାରା 41 (b) ର ପରିସର ବାହାରେ ଥିଲା। । ଭାରତ ସଂଘକୁ ଠିକାଦାରଙ୍କ କ୍ଷତିର ଅନ୍ୟ ଦାବି ସମ୍ବନ୍ଧରେ ତାଙ୍କ ପାଖରେ ଥିବା ରାଶିକୁ ଅଦାୟ କିମ୍ବା ବିନିଯୋଗ କରିବାକୁ ବାରଣ କରୁଥିବା ଏକ ନିଷେଧଜ୍ଞା ମଞ୍ଜୁର କରିବାରେ କୌଣସି ଆପତ୍ତି ନାହିଁ । କିନ୍ତୁ ନିଶ୍ଚିତ ଭାବେ ମାନକ ଚୁକ୍ତିନାମାର ଖଣ୍ଡ 18 ଭାରତ ସଂଘକୁ ଏହି ରାଶିକୁ ଅଟକାଇ ରଖିବା ପାଇଁ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନ କରେ ଏବଂ ଭାରତ ସଂଘକୁ ଏହି ରାଶିକୁ ଅଟକାଇ ରଖିବା ପାଇଁ କୌଣସି ନିଷେଧାଜ୍ଞା ଆଦେଶ ପାରିତ କରାଯାଇପାରିବ ନାହିଁ ।"

ଯେଉଁ ଖଣ୍ଡପୀଠ ନିଷ୍ପତ୍ତି ଉପରେ ନିର୍ଭର ରଖାଯାଇଥିଲା, ସେହି ନୀତିକୁ ଦୋହରାଇଛି, ଯଥା, "ଏପରି ଏକ ନିଷିଦ୍ଧାଜ୍ଞା କେବଳ ମଧ୍ୟସ୍ଥତା କାର୍ଯ୍ୟବିଧିର ଉଦ୍ଦେଶ୍ୟ ଏବଂ ସମ୍ବନ୍ଧରେ ହୋଇପାରେ । ନ୍ୟାୟାଳୟ ଏକ ନିଷେଧାଜ୍ଞା ଆଦେଶ ଦେଇପାରିଲେ ନାହିଁ, ଯାହା ଯଦିଓ ଆପାତତଃ ମଧ୍ୟବର୍ତ୍ତୀକାଳୀନ ନିଷେଧାଜ୍ଞା ଆଦେଶ ଭାବରେ, ବାସ୍ତବରେ, ଅନ୍ୟ ଚୁକ୍ତିନାମା ଅଧୀନରେ ଉତ୍ତରଦାତାଙ୍କୁ ଦେୟ ରାଶି ପ୍ରଦାନ କରିବାକୁ ଅପିଲକାରୀଙ୍କୁ ନିର୍ଦ୍ଦେଶ ଦେବା ଭଳି ଥିଲା ।"ବାସ୍ତବରେ, ବିଜ୍ଞ ଅଧିବକ୍ତା ଯେଉଁ ଅନୁପାତ ଉପସ୍ଥାପନ କରିବାକୁ ଚେଷ୍ଟା କରିଥିଲେ, ତାହା ଅନୁମୋଦିତ ହୋଇନଥିଲା ଏବଂ ଉକ୍ତ ନିଷ୍ପତ୍ତିକୁ *କମଲୁଦ୍ଦିନଙ୍କ ମାମଲାରେ* (ପୂର୍ବୋକ୍ତ) ସ୍ପଷ୍ଟ ଭାବରେ ଅଗ୍ରାହ୍ୟ କରାଯାଇଥିଲା ।

ଏହା ଦେଖାଯାଏ ଯେ, ଚୁକ୍ତିନାମାର ଖଣ୍ଡ (50) ଅଧୀନରେ, ବିବାଦ କିମ୍ବା ବିଭାଗ ସହିତ ଅନ୍ୟ କୌଣସି ଚୁକ୍ତିନାମା ଅନୁଯାୟୀ ଦାବି ସମ୍ବନ୍ଧରେ ଉତ୍ତରଦାତାଙ୍କ ସହିତ ବିଚାରାଧୀନ ରାଶି ସମାଯୋଜନ ପାଇଁ ଅପିଲକାରୀ ସ୍ପଷ୍ଟ ଭାବରେ ରାଜି ହୋଇଛନ୍ତି । ଏହି ପରିସ୍ଥିତିରେ, ଗୁଣବତ୍ତା କିମ୍ବା ଆଇନର ନୀତି ଉପରେ ନୁହେଁ, ଆମେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶରେ ହସ୍ତକ୍ଷେପ ପାଇଁ କୌଣସି ବେଆଇନତା ପାଇ ନାହୁଁ ।

ତଦନୁସାରେ ଅପିଲକୁ ଖାରଜ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲକୁ ଖାରଜ କରାଗଲା।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

**ଅନୁବାଦିକା :**

ସସ୍ମିତା ନାଏକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ